
ପାଠ - ୧୫

# କ୍ୟାଲେଣ୍ଡରରୁ ଶିଖିବା



ନଟ୍‌ଖଟ୍ ଚତୁର୍ଥ ଶ୍ରେଣୀରେ ପଢ଼େ । ଭାରି ଚାଲାକ୍ । ତୃତୀୟ ଶ୍ରେଣୀର ପିଲାମାନଙ୍କୁ ମଜା ଦେଖାଇବାକୁ ଡାକିଲା । କହିଲା - ମୋତେ ଏପରି କୁହୁକ ବିଦ୍ୟା ଜଣା, ବର୍ଷର କେଉଁ ତାରିଖ କେଉଁ ବାରରେ ପଡ଼ିବ ମୁଁ କହିପାରିବି ।

ଚଟ୍‌ପଟ୍ ପଚାରିଲା- ୨୦୧୪ ମସିହା ଜାନୁଆରୀ ୨୩ ତାରିଖ କେଉଁ ବାରରେ ପଡ଼ିଥିଲା ?

ହ୍ରୀଂ, କ୍ରୀଂ,ବ୍ରାଂ,ପ୍ରାଂ,ଶ୍ରାଂ - ଜାନୁଆରୀ ମାସ ୨୩ ତାରିଖ ଗୁରୁବାରରେ ପଡ଼ିଥିଲା । ସେଦିନ ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ଜନ୍ମଦିନ ବିଦ୍ୟାଳୟରେ ପାଳନ କରାଯାଇଥିଲା ।

ସମସ୍ତେ ଆଶ୍ଚର୍ଯ୍ୟ ହେଲେ ।

ଚଟ୍‌ପଟ୍ ଘରକୁ ଆସି ତା' ବାପାଙ୍କୁ ସବୁକଥା କହିଲା । ବାପା ଚଟ୍‌ପଟ୍‌କୁ କହିଲେ, ତୁ ଯଦି କ୍ୟାଲେଣ୍ଡରର ବ୍ୟବହାର ଜାଣିବୁ , ତା' ହେଲେ ନଟ୍‌ଖଟ୍ ପରି କୁହୁକ କରି ପାରିବୁ ।

ଚଟ୍‌ପଟ୍ ବାପାଙ୍କୁ ପଚାରିଲା - କ୍ୟାଲେଣ୍ଡର କ'ଣ ? ଏହାର କାମ କ'ଣ ? ଏଥିରୁ ଦିନ ଓ ବାର କିପରି ଜଣାପଡ଼େ ?

ବାପା କହିଲେ - ମୁଁ କହୁଛି, ମନ ଦେଇ ଶୁଣ ।

- ତୁମେ ବର୍ଷର ବାରମାସ ଓ ସପ୍ତାହର ସାତ ଦିନର ନାମ ଜାଣିଛ । ସେଗୁଡ଼ିକୁ ଲେଖ । ତଳେ ୨୦୦୯ ମସିହା ଜାନୁଆରୀ ମାସର କ୍ୟାଲେଣ୍ଡର ଦିଆଯାଇଛି ।

## ଜାନୁଆରୀ - ୨୦୧୪



| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |



ଏହି କ୍ୟାଲେଣ୍ଡରରୁ କେଉଁ କେଉଁ ତଥ୍ୟ ପାଉଛ ତା'ର ତାଲିକା କର ।

୧.

୨.

୩.

ଜାନୁଆରୀ ମାସରେ ମୋଟ କେତେ ଦିନ ?
କେଉଁ ମାସଗୁଡ଼ିକ ୩୧ ଦିନିଆ ଓ କେଉଁ ମାସଗୁଡ଼ିକ ୩୦ ଦିନିଆ ସେଗୁଡ଼ିକୁ ଲେଖ ।

| ୩୧ ଦିନିଆ ମାସ | ୩୦ ଦିନିଆ ମାସ |
|---|---|
| | |

କେବଳ ଫେବୃଆରୀ ମାସ ୨୮ ଦିନ, ଚାରି ବର୍ଷରେ ଥରେ ଏହା ୨୯ ଦିନ ହୁଏ। ଯେଉଁ ବର୍ଷ ଫେବୃଆରୀ ମାସ ୨୯ ଦିନ ହୁଏ, ସେହି ବର୍ଷକୁ ଅଧିବର୍ଷ ବା ଲିପ୍ ଇଅର କୁହାଯାଏ ।

## ଫେବୃଆରୀ - ୨୦୦୯

| | | | | |
|---|---|---|---|---|
| ରବି | ୧ | ୮ | ୧୫ | ୨୨ |
| ସୋମ | ୨ | ୯ | ୧୬ | ୨୩ |
| ମଙ୍ଗଳ | ୩ | ୧୦ | ୧୭ | ୨୪ |
| ବୁଧ | ୪ | ୧୧ | ୧୮ | ୨୫ |
| ଗୁରୁ | ୫ | ୧୨ | ୧୯ | ୨୬ |
| ଶୁକ୍ର | ୬ | ୧୩ | ୨୦ | ୨୭ |
| ଶନି | ୭ | ୧୪ | ୨୧ | ୨୮ |

## ମାର୍ଚ୍ଚ - ୨୦୦୯

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

ମାସର ତାରିଖଗୁଡ଼ିକ ସାତଟି ବାରର ଡାହାଣ ପାଖରେ ବା ତଳକୁ ତଳ ଏପରି ଭାବରେ ଲେଖାଯାଇଛି ଯେ ତାକୁ ଦେଖିଲେ ମାସର କେଉଁ ତାରିଖରେ କି ବାର ପଡୁଛି ଜାଣି ହୁଏ । କ୍ୟାଲେଣ୍ଡରରେ ତାରିଖ ଓ ବାରଗୁଡ଼ିକୁ ଏପରି ସଜାଯାଇଥାଏ।

ଉପର କ୍ୟାଲେଣ୍ଡର ଦେଖି ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ -

- ଫେବୃଆରୀ ମାସରେ କେତୋଟି ରବିବାର ଅଛି ?
- ମାର୍ଚ୍ଚ ମାସରେ କେତୋଟି ଗୁରୁବାର ଅଛି ?
- ଫେବୃଆରୀ ମାସରେ ବୁଧବାର ଗୁଡ଼ିକ କେଉଁ କେଉଁ ତାରିଖରେ ପଡ଼ିଛି ?
- ମାର୍ଚ୍ଚ ମାସର ୬ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ କେତେ ଦିନ ?
- ତୁମେ ମାମୁଘରେ ଫେବୃଆରୀ ୨୫ରେ ପହଞ୍ଚିଲ ଓ ମାର୍ଚ୍ଚ ମାସ ୬ରେ ଆସିଲ । ସେଠାରେ କେତେ ଦିନ ରହିଲ ?

- କ୍ୟାଲେଣ୍ଡର ଦେଖି ଖାଲିଘର ପୂରଣ କର ।

ଫେବୃଆରୀ ମାସରେ–

ପ୍ରଥମ ମଙ୍ଗଳବାର ______________ ତାରିଖ, ପ୍ରଥମ ଶନିବାର ______________ ତାରିଖ

ଦ୍ୱିତୀୟ ମଙ୍ଗଳବାର ______________ ତାରିଖ, ଦ୍ୱିତୀୟ ଶନିବାର ______________ ତାରିଖ

ତୃତୀୟ ମଙ୍ଗଳବାର ______________ ତାରିଖ, ତୃତୀୟ ଶନିବାର ______________ ତାରିଖ

ଚତୁର୍ଥ ମଙ୍ଗଳବାର ______________ ତାରିଖ, ଚତୁର୍ଥ ଶନିବାର ______________ ତାରିଖ

## ଅଭ୍ୟାସ

୧. ଶୂନ୍ୟସ୍ଥାନ ପୂରଣ କର ।

(କ) ମାସର ପ୍ରଥମ ରବିବାର ୧ ତାରିଖରେ ପଡ଼ିଲେ, ଦ୍ୱିତୀୟ ରବିବାର ______ ତାରିଖରେ ପଡ଼ିବ ।

(ଖ) ମାସର ଦ୍ୱିତୀୟ ସୋମବାର ୯ ତାରିଖ ହେଲେ, ତୃତୀୟ ସୋମବାର __________ ତାରିଖରେ ପଡ଼ିବ ।

(ଗ) ମାସର ତୃତୀୟ ଶୁକ୍ରବାର ______ ତାରିଖ ହେଲେ, ଚତୁର୍ଥ ଶୁକ୍ରବାର ୨୮ ତାରିଖରେ ପଡ଼ିବ ।

(ଘ) ମାସର ପଞ୍ଚମ ଶୁକ୍ରବାର ୩୦ ତାରିଖରେ ପଡ଼ିଥିଲା, ସେହି ମାସର ଚତୁର୍ଥ ଶୁକ୍ରବାର __________ ତାରିଖରେ ପଡ଼ିଥିଲା ।

(ଙ) ମାସର ପ୍ରଥମ ମଙ୍ଗଳବାର ୪ ତାରିଖରେ ପଡ଼ିଲେ, ତୃତୀୟ ମଙ୍ଗଳବାର ________ ତାରିଖରେ ପଡ଼ିବ ।

(ଚ) ୨୦୦୮ ମସିହା ଅପ୍ରେଲ ମାସ ପ୍ରଥମ ଗୁରୁବାର ୩ ତାରିଖରେ ପଡ଼ିଥିଲା, ସେହି ମାସର ଶୁକ୍ରବାରଗୁଡ଼ିକ ____________________________ ତାରିଖରେ ପଡ଼ିଥିଲା ।

୨. ତଳେ ଦିଆଯାଇଥିବା କ୍ୟାଲେଣ୍ଡରରେ ଖାଲି ଘରଗୁଡ଼ିକୁ ପୂରଣ କର ।

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| * | * | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| | | | | | | |
| | | | | | | |
| | | | ୩୦ | * | * | * |

ଏହି କ୍ୟାଲେଣ୍ଡର କେଉଁ କେଉଁ ମାସର ହୋଇପାରେ ଲେଖ ।

୩.   ଗୋଟିଏ ବର୍ଷର ଜୁନ୍ ମାସର କ୍ୟାଲେଣ୍ଡର ତଳେ ଦିଆଯାଇଛି । ଏହାକୁ ଲକ୍ଷ୍ୟକରି ସେହି ବର୍ଷର ମଇ ଓ ଜୁଲାଇ ମାସର କ୍ୟାଲେଣ୍ଡର ପ୍ରସ୍ତୁତ କର ।

## ଜୁନ୍ - ୨୦୧୪

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | ୩୧ | | | | |

### ମଇ

| | | | | |
|---|---|---|---|---|
| ରବି | | | | |
| ସୋମ | | | | |
| ମଙ୍ଗଳ | | | | |
| ବୁଧ | | | | |
| ଗୁରୁ | | | | |
| ଶୁକ୍ର | | | | |
| ଶନି | | | | |



### ଜୁଲାଇ

| | | | | |
|---|---|---|---|---|
| ରବି | | | | |
| ସୋମ | | | | |
| ମଙ୍ଗଳ | | | | |
| ବୁଧ | | | | |
| ଗୁରୁ | | | | |
| ଶୁକ୍ର | | | | |
| ଶନି | | | | |

୪.

| | | | | | |
|---|---|---|---|---|---|
| ରବି | ୧ | ୮ | ୧୫ | ୨୨ | ୨୯ |
| ସୋମ | ୨ | ୯ | ୧୬ | ୨୩ | ୩୦ |
| ମଙ୍ଗଳ | ୩ | ୧୦ | ୧୭ | ୨୪ | ୩୧ |
| ବୁଧ | ୪ | ୧୧ | ୧୮ | ୨୫ | |
| ଗୁରୁ | ୫ | ୧୨ | ୧୯ | ୨୬ | |
| ଶୁକ୍ର | ୬ | ୧୩ | ୨୦ | ୨୭ | |
| ଶନି | ୭ | ୧୪ | ୨୧ | ୨୮ | |

କ୍ୟାଲେଣ୍ଡରରେ ଟଣା ଯାଇଥିବା କୋଠରି ମଧ୍ୟରେ ସାନ ସଂଖ୍ୟାକୁ ବାଛ । ସବୁଠାରୁ ସାନ ସଂଖ୍ୟାରେ ୮ ଯୋଗ କର । ଯୋଗଫଳରେ ୯କୁ ଗୁଣ । ଗୁଣଫଳ କେତେ ହେଲା ? ଏବେ କୋଠରି ମଧ୍ୟରେ ଥିବା ନଅଟିଯାକ ସଂଖ୍ୟାକୁ ମିଶାଅ ।

**କ'ଣ ଲକ୍ଷ୍ୟ କଲ ?**

ତୁମେ ସେହିପରି କ୍ୟାଲେଣ୍ଡରରୁ କୁହୁକ ସଂଖ୍ୟା ବାହାର କରି ପରୀକ୍ଷା କର ।

ସୂଚନା : ଏହି ପାଠଟି ଆଲୋଚନା ବେଳେ ଶିକ୍ଷକ ଚଳିତ ବର୍ଷର କ୍ୟାଲେଣ୍ଡର ବ୍ୟବହାର କରିବେ ।